# NATIONAL NEWS BULLETIN (ODIA)

**18 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ‘ନମନୀୟତା, ନବସୃଜନ, ସହଯୋଗ ଓ ସ୍ଥିରତା ପାଇଁ ନିର୍ମାଣ’ ପ୍ରସଙ୍ଗକୁ ନେଇ ନୂଆଦିଲ୍ଲୀରେ ଜାରି ରହିଛି ବ୍ରିକ୍ସ ପରିବେଶ ମନ୍ତ୍ରୀଙ୍କ ବୈଠକ
- ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଧେୟକ ନେଇ ବିରୋଧୀ ଦଳଗୁଡ଼ିକ ଅପପ୍ରଚାର କରୁଥିବା କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ
- ଓଡ଼ିଶା ସମେତ ୬ଟି ରାଜ୍ୟକୁ ଆଜି ଅତିପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି

– ଓଡ଼ିଶାରେ ବନ୍ୟା ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ଗାଜା ଅସ୍ତ୍ରବିରତି ଯୋଜନା ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ସଫଳ ହୋଇଥିବା ଆମେରିକାର ସ୍ୱତନ୍ତ୍ର ରାଷ୍ଟ୍ରଦୂତଙ୍କ ସୂଚନା

ଏବଂ

- BWF ବ୍ୟାଡମିଣ୍ଟନ ବିଶ୍ୱ ଚମ୍ପିଆନସିପ୍‌ରେ ମିଆଁମାର ପ୍ରତିପକ୍ଷଙ୍କୁ ପରାସ୍ତ କରି ଭାରତର ଉନ୍ନତି ହୁଡ୍ଡା  ମହିଳା ଏକକ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ

## ବ୍ରିକ୍ସ ଏନ୍‌ଭାର୍ଣ୍ଣମେଣ୍ଟ ମିଟିଂ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଦ୍ୱାଦଶ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପରିବେଶ ମନ୍ତ୍ରୀମାନଙ୍କ ବୈଠକ ଜାରି ରହିଛି। ଏହି ବୈଠକରେ ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ନୀତି ନିର୍ଦ୍ଧାରକ ଏବଂ ବିଭିନ୍ନ ସଦସ୍ୟ ଦେଶର ପ୍ରତିନିଧିମାନେ ଯୋଗଦେଇ ପରିବେଶ ସହଯୋଗ କ୍ଷେତ୍ରରେ ସମନ୍ୱୟ ଦୃଢ଼ କରିବା ବିଷୟରେ ଆଲୋଚନା କରୁଛନ୍ତି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି। ଭାରତ ଅଧ୍ୟକ୍ଷତାରେ ହେଉଥିବା ବ୍ରିକ୍ସ ବୈଠକର ଶୀର୍ଷକ ରହିଛି ‘ନମନୀୟତା, ନବସୃଜନ, ସହଯୋଗ ଏବଂ ସ୍ଥିରତା ପାଇଁ ନିର୍ମାଣ’। ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଏହି ମଞ୍ଚ ଜରିଆରେ ପରିବେଶ କାର୍ଯ୍ୟକାରୀ ଗୋଷ୍ଠୀ ଲାଗି ଅର୍ଥପୂର୍ଣ୍ଣ ଆଲୋଚନା ସହ ସକାରାତ୍ମକ ନିର୍ଯାସରେ ସଦସ୍ୟ ଦେଶମାନେ ପହଁଞ୍ଚିପାରିବେ।

## ଏଫ୍‌ସିଆର୍‌ଏ– ରିଜିଜୁ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଧେୟକକୁ ନେଇ ବିରୋଧୀ ଦଳଗୁଡ଼ିକ ଅପପ୍ରଚାର କରୁଥିବା କହିଛନ୍ତି। ଏକ ଘରୋଇ ସମ୍ବାଦ ସଂସ୍ଥାକୁ ସାକ୍ଷାତକାର ଦେବା ଅବସରରେ ଶ୍ରୀ ରିଜିଜୁ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ସେ କହିଛନ୍ତି, ଏହି ବିଧେୟକରେ ବିଦେଶୀ ଅନୁଦାନ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା

ଅଣାଯାଇପାରିବ। ସେ କହିଛନ୍ତି, ସମ୍ପୃକ୍ତ ବିଧେୟକକୁ ସଂସଦୀୟ କମିଟିକୁ ପଠାଇବା ନିଷ୍ପତ୍ତି ଯଥାର୍ଥ। ସେ ଅଭିଯୋଗ କରିଛନ୍ତି, ବିରୋଧୀ ଦଳଗୁଡ଼ିକ ଏ ସମ୍ପର୍କରେ ମିଛ କହୁଛନ୍ତି।

**V/O – Kiren Rijiju**

## ଝାଡ଼ଖଣ୍ଡ– ପ୍ରୋଟେଷ୍ଟ

ଝାଡ଼ଖଣ୍ଡ ସରକାର ୨୪ ଦିନ ଧରି ଛାତ୍ର ଆନ୍ଦୋଳନ ଚାଲିବା ପରେ ଜେ.ଏସ୍.ଏସ୍.ସି.– ସି.ଜି.ଏଲ୍ ପରୀକ୍ଷାକୁ ବାତିଲ କରିଛନ୍ତି। ଏଥିସହିତ ଘରୋଇ ସଂସ୍ଥା ଟି.ଡି.ପି.ଏଲ୍. ଦ୍ୱାରା କରାଯାଇଥିବା ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ବାତିଲ କରାଯାଇଛି। ଏହି ଘୋଷଣା ପରେ ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ସନ୍ତୋଷବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ସରକାର ୨୦୧୪ ପରଠାରୁ ଜେ.ପି.ଏସ୍.ସି. ଏବଂ ଜେ.ଏସ୍.ଏସ୍.ସି. ପରୀକ୍ଷାଗୁଡ଼ିକର ତଦନ୍ତ କରାଇବା ଲାଗି ମଧ୍ୟ ଘୋଷଣା କରିଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିକୁ ଜୟପାଲ ସିଂହ' ମୁଣ୍ଡା ଷ୍ଟାଡିୟମ୍‌ରେ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀମାନେ ସ୍ୱାଗତ କରିଥିଲେ। ପୂର୍ବ ପରୀକ୍ଷାଗୁଡ଼ିକର ତଦନ୍ତ ଲାଗି ଆଇ.ଏ.ଏସ୍. ଅଧିକାରୀ ଅମିତାଭ କୌଶଲଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସମ୍ପୃକ୍ତ କମିଟି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଂସ୍କାର ଆଣିବା ଲାଗି ରିପୋର୍ଟ ପ୍ରଦାନ କରିବ। ପରେ ମନ୍ତ୍ରୀ ଦୀପିକା ପାଣ୍ଡେ, ସ୍ୱାସ୍ଥ୍ୟମନ୍ତ୍ରୀ ଇର୍ଫାନ ଅନସାରୀ ଏବଂ ବିଧାୟକ ଜୟରାମ କୁମାର ସଦର ହସ୍ପିଟାଲକୁ ଯାଇ ଆମରଣ ଅନଶନ କରୁଥିବା ଦେବେନ୍ଦ୍ର ନାଥ

ମାହାତୋ ଏବଂ ଅନ୍ୟ ଛାତ୍ରଛାତ୍ରୀଙ୍କୁ ଫଳରସ ପିଆଇ ଅନଶନ ଭଙ୍ଗ କରାଇଥିଲେ।

## ଆଇଏମ୍‌ଡି-ରେନଫଲ

ଓଡ଼ିଶା ସମେତ ୬ଟି ରାଜ୍ୟକୁ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କତା ଜାରି ରହିଛି। ବିଭାଗୀୟ ସୂଚନା ଅନୁଯାୟୀ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଜାମ୍ମୁ-କାଶ୍ମୀର, ଲଦାଖ, ତାମିଲନାଡୁ, ପୁଡୁଚେରୀ ଏବଂ ଅନ୍ୟାନ୍ୟ କେତେକ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଛି।

ଲଗାଣ ବର୍ଷା ଯୋଗୁଁ ଓଡ଼ିଶାର ୭ଟି ଜିଲ୍ଲା ପ୍ରଭାବିତ ହୋଇଛି। ସେହି ଜିଲ୍ଲାଗୁଡ଼ିକ ହେଉଛି ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା। ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ରନ୍ଧାଖାଦ୍ୟ ଓ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ୬ଟି ମୋବାଇଲ ଚିକିତ୍ସା ୟୁନିଟ୍ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବା ସୂଚନା ଦିଆଯାଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ସ୍ଥିତିର ସମୀକ୍ଷା କରିବା ପରେ ପ୍ରଭାବିତ ଲୋକଙ୍କ ପାଖରେ ତ୍ୱରିତ ସ୍ୱାସ୍ଥ୍ୟସେବା ସହ ଆବଶ୍ୟକ ଔଷଧ ଓ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରାଯାଇଥିବା କହିଛନ୍ତି।

## ନଡ୍ଡା– ଆନ୍‌ଜିଓପ୍ଲାଷ୍ଟ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡାଙ୍କର ଗତକାଲି ନୂଆଦିଲ୍ଲୀ ଏମ୍ସରେ ଆଞ୍ଜିଓପ୍ଲାଷ୍ଟି କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା

ସ୍ଥିର ରହିଛି। ଏମ୍ସ ପକ୍ଷରୁ ପ୍ରକାଶିତ ବିବୃତି ଅନୁଯାୟୀ, ହୃଦ୍‌ରୋଗ ବିଭାଗରେ ଶ୍ରୀ ନଡ୍ଡାଙ୍କୁ ନିରୀକ୍ଷଣରେ ରଖାଯାଇଛି। ପୂର୍ବରୁ ସେ ଅସୁସ୍ଥ ଅନୁଭବ କରିବା ପରେ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା।

# ୟୁଏସ୍-ଗାଜା ପ୍ଲାନ

ଆମେରିକାର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜେରେଡ କ୍ରସନର କହିଛନ୍ତି, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଗାଜା ଅସ୍ତ୍ରବିରତି ଯୋଜନା ସମ୍ପର୍କରେ ପ୍ରାୟ ୪ ଘଣ୍ଟା ଧରି ହୋଇଥିବା ଆଲୋଚନା ସଫଳ ହୋଇଛି। ସେ କହିଛନ୍ତି, ଆଲୋଚନା କାଳରେ ଗାଜାର ପୁନଃନିର୍ମାଣ, ସୈନ୍ୟ ଅପସାରଣ ଏବଂ ଇସ୍ରାଏଲର ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଏବଂ ତାଙ୍କ ପ୍ରତିନିଧି ଦଳ ପକ୍ଷରୁ ପଚରା ଯାଇଥିବା ପ୍ରଶ୍ନ ଗୁଡ଼ିକର ମଧ୍ୟ ଉତ୍ତର ରଖାଯାଇଥିଲା ବୋଲି ସେ କହିଛନ୍ତି। କିଭଳି ଭାବେ ଭୁଲ ବୁଝାମଣା ଓ ମିଥ୍ୟା ସୂଚନା ଫଳରେ ଏଭଳି ଘଟଣା ଘଟିଛି, ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଗାଜାର ପୁନଃନିର୍ମାଣ ପାଇଁ ଆମେରିକା ପ୍ରତିଶ୍ରୁତିବଦ୍ଧ, କିନ୍ତୁ ସେଠାରୁ ସୈନ୍ୟ ଅପସାରଣ ନ ହେବା ପର୍ଯ୍ୟନ୍ତ ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ନାହିଁ ବୋଲି ସେ କହିଛନ୍ତି। ଆଲୋଚନା ପୂର୍ବରୁ ଶ୍ରୀ କ୍ରୁସନର’ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଟ୍ରମ୍ପ ସମର୍ଥିତ ଗାଜା ଅସ୍ତ୍ରବିରତି ପ୍ରସ୍ତାବ ସମ୍ପର୍କରେ ସୂଚନା ଦେବା ସହ ଏଥିରେ କୌଣସି ପ୍ରତିବନ୍ଧକ ସୃଷ୍ଟି ନ କରିବା ଲାଗି ଅନୁରୋଧ କରିଥିଲେ। ପୂର୍ବରୁ ଶ୍ରୀ ନେତାନ୍ୟାହୁ  ଟ୍ରମ୍ପ ପ୍ରଶାସନର ୧୫ ସୂତ୍ରୀ ଗାଜା ଅସ୍ତ୍ରବିରତି ଯୋଜନାକୁ ପ୍ରତ୍ୟାଖ୍ୟାନ କରିବା ପରେ ଶ୍ରୀ କ୍ରୁସନର ଆଜି ବୈଠକରେ ମିଳିତ ହୋଇଥିଲେ।

## ପିଏଜେକେ- ହ୍ୟୁମାନ ରାଇଟ୍‌ସ

ପାକ୍ ଅଧିକୃତ ଜାମ୍ମୁ-କାଶ୍ମୀରରେ ଅଶାନ୍ତ ପରିବେଶ ଲାଗି ରହିଥିବା ବେଳେ ମିଳିତ କାଶ୍ମୀର ପିପୁଲ୍‌ସ ନ୍ୟାସନାଲ ପାର୍ଟି ପାକିସ୍ତାନୀ ସୁରକ୍ଷାବଳ ଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ନେଇ ଅନ୍ତର୍ଜାତୀୟ ସମ୍ପ୍ରଦାୟର ଦୃଷ୍ଟି ଆକର୍ଷଣ କରିଛି। ସେହି ଅଞ୍ଚଳରେ ସାଧାରଣ ଲୋକଙ୍କ ମୃତ୍ୟୁ, ବେନିୟମ ଗିରଫଦାରୀ, ବଳପୂର୍ବକ ଅପହରଣ କରାଇବା ଭଳି ବିଷୟକୁ ନେଇ ଦଳ ଚିନ୍ତାବ୍ୟକ୍ତ କରିଛି। ସେଠାରେ ଚାଲିଥିବା ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକୁ ବନ୍ଦ କରିବା ଲାଗି ପ୍ରତିବନ୍ଧକ ଜାରି କରାଯାଇଛି। ସଂଗଠନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ହେପାଜତରେ ଥିବାବେଳେ ହତ୍ୟା, ନିର୍ଯାତନା, ବେନିୟମ ଅଟକ ଏବଂ ଅତ୍ୟଧିକ ବଳପ୍ରୟୋଗ ଘଟଣାର ସଂଗଠନ ତଦନ୍ତ ଦାବି କରିଛି। ଜାତିସଂଘ ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକୁ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରେ ଆକ୍ରମଣ ନ କରିବା ଲାଗି ପାକିସ୍ତାନ ଉପରେ ଚାପ ପକାଇବାକୁ ସଂଗଠନ ଅନୁରୋଧ କରିଛି।

## ଜାମ୍ବିଆ ପ୍ରେସିଡେଣ୍ଟ

ଜାମ୍ବିଆ ରାଷ୍ଟ୍ରପତି ହାକାଇନ୍ଦେ ହିଚିଲେମା ଦ୍ୱିତୀୟଥର ପାଇଁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିବେ। ଜାମ୍ବିଆର ନିର୍ବାଚନ କମିଶନ ଏହି ବିଷୟ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ହିଚିଲେମା ୫୧ ପ୍ରତିଶତରୁ ଅଧିକ ଭୋଟ ପାଇଛନ୍ତି। ତାଙ୍କୁ ୨୯ ଲକ୍ଷ ୬୫ ହଜାର ୩୨୬ ଖଣ୍ଡ ଭୋଟ

ମିଳିଥିବା ବେଳେ ବିପକ୍ଷ ପ୍ରାର୍ଥୀ ବ୍ରିଆନ ମୁଣ୍ଡୁବିଲେଙ୍କୁ ୧୮ ଲକ୍ଷ ୫୬ ହଜାର ୨୧୭ ଖଣ୍ଡ ଭୋଟ ମିଳିଛି।

## ଇଡି– କେପିଏସ୍‌ସି

କର୍ଣ୍ଣାଟକ ଲୋକସେବା ଆୟୋଗ – KPSCରେ ହୋଇଥିବା ଅନିୟମିତତା ସହ ଜଡ଼ିତ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ– ଇ.ଡି. ଆଜି ୨୧ଟି ସ୍ଥାନରେ ଚଢ଼ଉ କରି ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ କରିଛି। KPSC କାର୍ଯ୍ୟାଳୟ, ନିଲମ୍ବିତ KPSC ଅଧ୍ୟକ୍ଷ ଶିବ ଶଙ୍କରପ୍ପା ଏସ୍ ସାହୁକାରଙ୍କ ବାସଭବନ, ସଦସ୍ୟ ଶାନ୍ତା ହୋସମାନୀଙ୍କ ବାସଭବନ, ମଧ୍ୟସ୍ଥିଙ୍କ କାର୍ଯ୍ୟାଳୟ, ଏଡ୍ୟୁଟେଷ୍ଟ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ ଏବଂ ପ୍ରାଣୀଧନ ଅଧିକାରୀଭାବେ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କ ବାସଗୃହ ଆଦିରେ ଇଡି ଚଢ଼ଉ ଜାରି ରଖିଛି। କର୍ଣ୍ଣାଟକ ଏବଂ ଅହମ୍ମଦାବାଦର ଏହି ୨୧ଟି ସ୍ଥାନରେ ଚଢ଼ଉ କରାଯାଉଛି। ଇଡି ସୂଚନା ଅନୁଯାୟୀ, ପ୍ରାଣୀଧନ ଅଧିକାରୀ ଚୟନ ମାମଲାରେ ଅନିୟମିତତା ଏବଂ ଅର୍ଥ କାରବାର ହୋଇଥିବା ଅଭିଯୋଗରେ ଅନେକଗୁଡ଼ିଏ ଏତଲା ପଞ୍ଜୀକୃତ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ସୂଚନା ମୁତାବକ, ପ୍ରଶ୍ନପତ୍ର ପ୍ରଘଟ, ଓ.ଏମ୍.ଆର୍. ଉତ୍ତରପତ୍ରରେ ଟେମ୍ପରିଂ ଏବଂ KPSC କାର୍ଯ୍ୟରତ ଅଧିକାରୀଙ୍କ ସମ୍ପର୍କୀୟମାନଙ୍କୁ ସୁଯୋଗ ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା।

## ବିଜେପି–ଷ୍ଟେଟ୍ ଇନଚାର୍ଜ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଉତ୍ତରପ୍ରଦେଶ, ପଞ୍ଜାବ ଏବଂ ଗୁଜୁରାଟର ନୂଆ ରାଜ୍ୟ ଦଳୀୟ ମୁଖ୍ୟ ନିଯୁକ୍ତ କରିଛନ୍ତି। ବିନୋଦ ତାୱ୍ଡ଼େଙ୍କୁ ଉତ୍ତର ପ୍ରଦେଶ ଦାୟିତ୍ୱ ଦିଆଯାଇଥିବା ବେଳେ ଜଗଦୀଶ ଈଶ୍ୱର ଭାଇ ପଟେଲଙ୍କୁ ସହକାରୀଭାବେ ନିଯୁକ୍ତି ମିଳିଛି। ସେହିପରି ଡକ୍ଟର ସତୀଶ ପୁନିଆଙ୍କୁ ପଞ୍ଜାବ ଓ ତରୁଣ ଚୁଗ୍‌ଙ୍କୁ ଗୁଜୁରାଟର ଦାୟିତ୍ୱ ଦିଆଯାଇଛି।

## ଜାମ୍ମୁ-କାଶ୍ମୀର ସର୍ଚ୍ଚ ଅପରେସନ୍

ଜାମ୍ମୁ-କାଶ୍ମୀରରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ସମ୍ପର୍କରେ ଖବର ପାଇବା ପରେ ସୁରକ୍ଷା ବାହିନୀ ଆଜି ଉଦ୍ଧମପୁର, ରିଆସି ଏବଂ କଠୁଆ ଜିଲ୍ଲାର ଅନେକ ସ୍ଥାନରେ ତଲାସି ଅଭିଯାନ ଆରମ୍ଭ କରିଛନ୍ତି। ସୁରକ୍ଷା ବାହିନୀ ରିଆସିର ସାଦିନୀ ଜଙ୍ଗଲ  ଏବଂ କଠୁଆର ହୀରାନଗର ସେକ୍ଟର ଅନ୍ତର୍ଜାତୀୟ ସୀମା ନିକଟରେ ଥିବା ଅନେକ ଗ୍ରାମରେ ତଲାସୀ କରିଥିଲେ। ଇତିମଧ୍ୟରେ ଉତ୍ତର କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ ଇନ୍ ଚିଫ ଲେଫ୍ଟନାଣ୍ଟ ଜେନେରାଲ ପ୍ରତୀକ ଶର୍ମା ଗତକାଲି ପୁଞ୍ଚ୍ ଜିଲ୍ଲାର ନିୟନ୍ତ୍ରଣ ରେଖାରେ ଥିବା ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ବୃଦ୍ଧି ପାଉଥିବା ସୁରକ୍ଷା ଆହ୍ୱାନର ପ୍ରଭାବଶାଳୀ ମୁକାବିଲା ପାଇଁ ନିରନ୍ତର ସତର୍କତା ଏବଂ ଅଭିନବ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେନା ଜେନେରାଲ ସୁରକ୍ଷା ସଂରଚନା ପରିଚାଳନା ପ୍ରସ୍ତୁତିର ସମୀକ୍ଷା କରିଥିଲେ ଏବଂ ସୀମାରେ ପହରା ଦେଉଥିବା ସୈନିକଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଗସ୍ତ ସମୟରେ ତାଙ୍କୁ ସୀମାର ସାମ୍ପ୍ରତିକ ସୁରକ୍ଷା ପରିସ୍ଥିତି, ପରିଚାଳନା ପ୍ରସ୍ତୁତି ଏବଂ ଦୁର୍ଗମ ଅଞ୍ଚଳରେ ସେନା ନିୟୋଜନ ଆହ୍ୱାନ ବିଷୟରେ ସୂଚନା

ଦିଆଯାଇଥିଲା। ସମ୍ମୁଖ ଭାବରେ କାର୍ଯ୍ୟ କରୁଥିବା ସୈନିକମାନଙ୍କ ସହିତ ସେନା ଜେନେରାଲ କଥାବାର୍ତ୍ତା ସମୟରେ ଦୁର୍ଗମ ଭୂଭାଗ ଏବଂ ପାଣିପାଗ ପରିସ୍ଥିତି ସତ୍ତ୍ୱେ ମିଶନ ପ୍ରସ୍ତୁତି ବଜାୟୀ ରଖିବାରେ ଯବାନମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

# ବିଡବ୍ଲ୍ୟୁଏଫ୍

ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ବିଶ୍ୱ ଚମ୍ପିଆନସିପ୍‌ରେ ଭାରତର ଉନ୍ନତି ହୁଡ୍ଡା ମିଆଁମାରର ଥୁଜାରଙ୍କୁ ପରାସ୍ତ କରି ମହିଳା ଏକକ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଉନ୍ନତି ବିପକ୍ଷ ଖେଳାଳିଙ୍କୁ ୨୦-୨୦, ୨୧-୧୫ ସେଟ୍‌ରେ ପରାସ୍ତ କରିଥିଲେ। ଆଜି ସନ୍ଧ୍ୟାରେ ଲକ୍ଷ୍ୟ ସେନ ପୁରୁଷ ଏକକ ପ୍ରଥମ ପର୍ଯ୍ୟାୟରେ ଅଷ୍ଟ୍ରିଆର କଲିନ୍‌ସ ଫିଲିମନ୍‌ଙ୍କ ବିପକ୍ଷରେ ଅବତୀର୍ଣ୍ଣ  ହେବେ। ଭାରତୀୟ ଯୋଡ଼ି ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦ ମଧ୍ୟ ମହିଳା ଡବଲ୍ସ ଦ୍ୱିତୀୟ ପର୍ଯ୍ୟାୟରେ ଆମେରିକୀୟ ଯୋଡ଼ିଙ୍କ ବିପକ୍ଷରେ ମ୍ୟାଚ୍ ଖେଳିବେ। ସେହିପରି ମହିଳା ଡବଲ୍ସ ଦ୍ୱିତୀୟ ପର୍ଯ୍ୟାୟରେ କବିପ୍ରିୟା ସେଲଭନ ଓ ସିମରନ୍ ସିଂହୀଙ୍କ ଯୋଡ଼ି ବୁଲଗେରିଆର ଷ୍ଟିଫାନି ଓ ଗାବ୍ରିଏଲା ଯୋଡ଼ିଙ୍କ ସହ ମୁକାବିଲା କରିବେ।